# ଚିଲିକାରେ ବିପଦପୂର୍ଣ୍ଣ ଡଙ୍ଗା ଯାତ୍ରା

ବ୍ରହ୍ମଗିରି,୧୮।୪(ସମିସ)



ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହଶହ ଯାତ୍ରୀ ଚିଲିକା ମଧ୍ୟରେ ପ୍ରତିଦିନ ସାତପଡ଼ାରୁ ଜନିକୁଦା ବିପଜ୍ଜନକ ଯାତ୍ରା କରିଥା'ନ୍ତି। ବର୍ତ୍ତମାନ କୃଷ୍ଣପ୍ରସାଦ ବ୍ଲକ୍‌ରେ ପଣାଯାତ୍ରା ଚାଲିଛି। ପଣା ସଂକ୍ରାନ୍ତିଠାରୁ ହଜାର ହଜାର ଲୋକଙ୍କ ଦୈନନ୍ଦିନ ସମାଗମ ହେଉଛି। ଏହି ପରିପ୍ରେକ୍ଷୀରେ ଚିଲିକାରେ ଭସାପୋଲ ଚାଲୁଥିବାବେଳେ ସେଥିରେ ଲୋକ ଓ ଗାଡ଼ି ମୋଟର ନେବା ଆଣିବା ପାଇଁ ଯଥେଷ୍ଟ ହେଉନାହିଁ। କିଛିକିଛି ଲୋକ ଡଙ୍ଗା ଚାଳକଙ୍କ ଉପରେ ନିର୍ଭର କରିଥାନ୍ତି। ଏହାର ସୁଯୋଗ ନେଇ କିଛି ଡଙ୍ଗା ଚାଳକ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଟଙ୍କା ନେଇ ବିପଦପୂର୍ଣ୍ଣ ଭାବେ ଚିଲିକା ପାର୍ କରାଉଛନ୍ତି। ଏଭଳି ଯାତ୍ରାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ସୁରକ୍ଷିତ ବ୍ୟବସ୍ଥା କରାଯାଉନାହିଁ। ତେବେ ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକ ଭସାପୋଲ ଚଳାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ମେଳା ପଡ଼ିଆକୁ ଯାତ୍ରା ଦେଖିବା ପାଇଁ ବ୍ରହ୍ମଗିରି, ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଚିଲିକା ପାର୍ ହୋଇ ଆରପଟକୁ ଯାଉଛନ୍ତି। ପଣାଯାତ୍ରାକୁ ଦୃଷ୍ଟିରେ ରଖି ଭସାପୋଲ ସାଙ୍ଗକୁ ଅଧିକ ଡଙ୍ଗା ଚଳାଚଳ କରିବା ସହ ଲୋକଙ୍କଠାରୁ ସଠିକ୍ ପରିମାଣର ଭଡ଼ା ନେବାକୁ ସାଧାରଣରେ ଦାବି ହେଉଛି। ଗୋଟିଏ ଗୋଟିଏ ଘାଟ ଡଙ୍ଗାରେ ୬୦ରୁ ଊର୍ଦ୍ଧ୍ୱ ମୋଟର ସାଇକେଲ ସାଙ୍ଗକୁ ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଧରି ପାର୍ ହୋଇ ଯାଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏତେବଡ଼ ଯାତ୍ରା ଚାଲିଥିବା ନେଇ ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ପାଖରେ ଖବର ଥିବାବେଳେ ଚିଲିକା ଘାଟ ନିକଟରେ କୌଣସି ଜଣେ ହେଲେ ପୁଲିସ ଅଧିକାରୀ କିମ୍ବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧିକାରୀଙ୍କ ଦେଖାନାହିଁ। ଲୋକେ ଡଙ୍ଗାଗୁଡ଼ିକରେ ଆବଶ୍ୟକତାଠାରୁ ବହୁ ଅଧିକ ପରିମାଣରେ ଯିବାଆସିବା କରୁଛନ୍ତି। ସାତପଡ଼ା ପାଟରୁ ଜହ୍ନିକୁଦା ଘାଟକୁ ଦୀର୍ଘ ୫ କି.ମି. ଏପରି ବିପଦସଙ୍କୁଳ ଭାବେ ଯିବାଆସିବା କରୁଥିବାବେଳେ ଜଣେ ହେଲେ ବ୍ୟକ୍ତି ଲାଇଫ୍ ଜ୍ୟାକେଟ୍ ପିନ୍ଧୁ ନ ଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଘାଟ ଡଙ୍ଗା ଓ ଘରୋଇ ଡଙ୍ଗା ଚାଳକଙ୍କୁ ପରିବହନ ନ କରିବା ପାଇଁ ତାଗିଦ୍ କରିବା ସହ ଉଭୟ ଘାଟରେ ପୁଲିସ ମୁତୟନ କରିବାକୁ ସ୍ଥାନୀୟ ଅଧିବାସୀମାନେ ଦାବି କରିଛନ୍ତି। ସେପଟେ ଡବଲ ଇଞ୍ଜିନ୍ ସରକାରକୁ ଆସିବା ପୂର୍ବରୁ କୃଷ୍ଣପ୍ରସାଦବାସୀଙ୍କୁ ଚିଲିକାରେ ବ୍ରିଜ୍ ନିର୍ମାଣ କରିବା ପାଇଁ ସୁନେଲି ସ୍ୱପ୍ନ ଦେଖାଇଥିଲା ବିଜେପି। ଡବଲ ଇଞ୍ଜିନ ସରକାର ଆସିବାର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ରିଜ୍ ହେବା ଦୂରେ ଥାଉ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ କୌଣସି ଗୋଟିଏ ବି କାମ ହୋଇନାହିଁ। କେବଳ କିଛି ପୁରୁଣା ଅଫିସରେ ରଙ୍ଗ ମରାହେଉଥିବା ଦେଖିବାକୁ ମିଳିଛି। ଏହାରି ମଧ୍ୟରେ ଗୋଟିଏ କଥା ବାରି ହୋଇପଡ଼ିଛି ଯେ, କୃଷ୍ଣପ୍ରସାଦବାସୀଙ୍କ ବ୍ରିଜ୍ ସ୍ୱପ୍ନ ବାସ୍ତବରେ ରୂପାନ୍ତରିତ ହେବ ନା ସ୍ୱପ୍ନରେ ରହିଯିବ।

**ପଣା ଯାତ୍ରା ପାଇଁ ଭଡ଼ା ଦୁଇ ଗୁଣା**
**ଡଙ୍ଗାରେ ନାହିଁ ଲାଇଫ୍ ଜ୍ୟାକେଟ୍**
**ସ୍ୱପ୍ନରେ ରହିଗଲା ଚିଲିକା ଉପରେ ବ୍ରିଜ୍**

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନିମାପଡ଼ା,୧୮।୪(ସମିସ): ଶନିବାର ସକାଳୁ ନିମାପଡ଼ା ପୁଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତକ ଜଣକ ରମ୍ଭା ଅଞ୍ଚଳର ସାଗର ନାୟକ(୨୨) ବୋଲି ଜଣାପଡ଼ିଛି। ସେ ନିମାପଡ଼ା ଥାନା କଳାପାଞ୍ଚଣରେ ରହୁଥିଲେ। ସୂଚନା ମୁତାବକ, ପିପିଲି-ନିମାପଡ଼ା ରାସ୍ତାର ତଳଅଣ୍ଡିଆ ବେହେରାସାହି ନିକଟରେ ରାସ୍ତାକଡ଼ରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକମାନେ ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ନିମାପଡ଼ା ପୁଲିସ ପହଞ୍ଚି ମୃତ ଯୁବକଙ୍କୁ ସେଠାରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ମୃତକ ଜଣକ ରମ୍ଭା ଅଞ୍ଚଳର ସାଗର ନାୟକ ବୋଲି ଜଣାପଡ଼ିଥିବାବେଳେ ଶୁକ୍ରବାର ସେ ନିମାପଡ଼ା ମେଳଣ ଦେଖିବାକୁ ଯାଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ିନି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅନ୍ଧାରରେ ପ୍ରାଚୀ ଐତିହ୍ୟ

ଚାରିଛକ,୧୮।୪(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତିର ଜୀବନରେଖା ପବିତ୍ର ପ୍ରାଚୀନଦୀ ଓ ପବିତ୍ର ପ୍ରାଚୀ ଅବବାହିକା ଚରମ ଅବହେଳାରୁ ସ୍ଥିତି ହଜାଇବାକୁ ବସିଛି। ଐତିହ୍ୟଭରା ପ୍ରାଚୀ ବନାନୀ ଏବେ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମଦାରୁ ଯୋଗାଇବାକୁ ଅସମର୍ଥ। ପ୍ରାଚୀ ପୀଠେଶ୍ୱରୀ ମା' ମଙ୍ଗଳାଙ୍କ ପୀଠ ଭଳି ବହୁ ଐତିହ୍ୟଭରା ପୀଠ ସମୂହର ବିକାଶ ମଧ୍ୟ ଅଧୁରା ରହିଯାଇଛି। ପ୍ରାଚୀତଟର ପୁରାଣ ବର୍ଣ୍ଣିତ ଐତିହ୍ୟଭରା ମଠ, ମନ୍ଦିର, ଦେବସ୍ଥଳୀ, ନଦୀଘାଟ, ଯାନିଯାତ୍ରା ସବୁ ଶ୍ରୀହୀନ। ଶ୍ରୀଚୈତନ୍ୟଦେବଙ୍କ ପ୍ରାଚୀ ପରିକ୍ରମାର ସ୍ମାରକୀସ୍ଥଳ ଏବେ ଅଣଦେଖାରେ। ପ୍ରାଚୀ ନୌବାଣିଜ୍ୟରୁ ପ୍ରାପ୍ତ ରାଜସ୍ୱରେ କଳିଙ୍ଗ ଧନଧାନ୍ୟ ପୂର୍ଣ୍ଣ ଥିଲା। ସେ ରାଜସ୍ୱରୁ ନିର୍ମିତ ଶ୍ରୀମନ୍ଦିର, କୋଣାର୍କ ମନ୍ଦିର, ଏକାମ୍ର କ୍ଷେତ୍ର ମନ୍ଦିର ସମୂହ ବିଶ୍ୱ ଐତିହ୍ୟର ପ୍ରାଣକେନ୍ଦ୍ର ଥିଲା। ଆଜି ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଏ ପୂର୍ବ ସ୍ଥିତିକୁ ମନେ ପକାଇ ବିକାଶକୁ ଆଗେଇ ନେବାର ଆବଶ୍ୟକତା ଅଛି ବୋଲି କହିଛନ୍ତି ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ତଥା ଭକ୍ତ ଜୟଦେବଙ୍କ ବଂଶଜ ପଣ୍ଡିତ ତ୍ରିଲୋଚନ ମିଶ୍ର।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ଡେଲାଙ୍ଗ,୧୮।୪(ସମିସ): ନୂତନ ଜାତୀୟ ଶିକ୍ଷା ନୀତି ଦ୍ୱାରା ବିଦ୍ୟାର୍ଥୀଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ହୋଇପାରିବ। ଶିକ୍ଷା ସହିତ ଖେଳକୁଦ ଓ ପିଲାଙ୍କ ଅନ୍ତର୍ନିହିତ ଗୁଣର ମଧ୍ୟ ବିକାଶ ହୋଇପାରିବ। ଏହି ଶିକ୍ଷାନୀତି ପିଲାମାନଙ୍କୁ ସର୍ବଗୁଣ ସମ୍ପନ୍ନ କରିବାରେ ସହାୟକ ହେବ ବୋଲି ଡେଲାଙ୍ଗ ଷ୍ଟେସନ ବଜାର ସନ୍ନିକଟ ଜୋକନଡୁଆସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ ସମାବେଶରେ ଉତ୍କଳ ଶିକ୍ଷା ବିକାଶ ସାଧାରଣ ପରିଚାଳକ ମାନସ ରଞ୍ଜନ ବାରିକ, ଉତ୍କଳ ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁରେନ୍ଦ୍ର ନାଥ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ବିଦ୍ୟାଳୟରେ ପାଠ ସହିତ ସଂସ୍କାର ଶିକ୍ଷା ଦେଇ ଭଲ ମଣିଷ ଭାବେ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷାକେନ୍ଦ୍ରର ବରିଷ୍ଠ ଶିକ୍ଷୟିତ୍ରୀ ଅନୁସୟା ପାଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ଚିତ୍ତରଞ୍ଜନ ପରିଡ଼ା ସଭା ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ବିଦ୍ୟାଳୟରେ



ପରିଷଦର ସଭାପତି ମଙ୍ଗୁଳି ଚରଣ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ସଭାପତି ତ୍ରିଲୋଚନ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଉପସଭାପତି ସୁବାସ ଚନ୍ଦ୍ର ଜେନା, ଅଧ୍ୟାପକ ଡ. ଲକ୍ଷ୍ମୀଧର ପାଇକରାୟ, ପ୍ରାକ୍ତନ ବ୍ଲକ୍ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଜିଲ୍ଲା ଶିଳ୍ପ ପ୍ରତିଷ୍ଠାନର ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ପରିଡ଼ା, ଶିକ୍ଷୟିତ୍ରୀ ମିନତି ବାରିକ୍, ଛବିତା ଚୀନାରା, ଚପଳା ତ୍ରିପାଠୀ, ଅନିମା ମିଶ୍ର, ଜୟନ୍ତୀ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପିପିଲି ପାଇଁ ଗୌରବ ଆଣିଛନ୍ତି ବିଶ୍ୱପ୍ରକାଶ

ପିପିଲି,୧୮।୪(ସମିସ): ପିପିଲି ନିର୍ବାଚନମଣ୍ଡଳୀ ଡେଲାଙ୍ଗ, ପିପିଲି ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଜଗନ୍ନାଥପୁର ପଞ୍ଚାୟତ କୃଷ୍ଣପୁର ଗାଁର ବିଶ୍ୱପ୍ରସାଦ ନାୟକ ଓ ନୂଆଶାସନ ଗ୍ରାମ ପଞ୍ଚାୟତ ନୂଆପାଟଣା ସାହିର ଉତ୍କଳିକା ସାହୁ। ଚଳିତ ବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ଭୁବନେଶ୍ୱରର ଏକ ଘରୋଇ ବିଦ୍ୟାଳୟରେ ପାଠପଢ଼ି ବିଶ୍ୱପ୍ରସାଦ ୫୦୦ରୁ ୪୯୭ ମାର୍କ ରଖିଛନ୍ତି, ଯାହାକି ୯୯.୪ ପ୍ରତିଶତ ଅଟେ। ସେହିପରି କୋଣାର୍କ ନବୋଦୟ ବିଦ୍ୟାଳୟରେ ପାଠପଢ଼ି ସୁଶ୍ରୀ ଉତ୍କଳିକା ୫୦୦ରୁ ୪୮୫(୯୭ ପ୍ରତିଶତ) ମାର୍କ ରଖିଛନ୍ତି। ଏହି ଖବର ପାଇ ଶନିବାର ବିଧାୟକ ଆଶ୍ରିତ୍ ପଟ୍ଟନାୟକ, ମଣ୍ଡଳ ସଭାପତି ସୁଧୀର ବିଶ୍ୱାଳ, ସରପଞ୍ଚ ନୂଆଶାସନ ଶ୍ରଦ୍ଧାଞ୍ଜଳି ଦାସ, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ସୁକାନ୍ତ ଦାଶ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଉଭୟ ଛାତ୍ରଛାତ୍ରୀ ଓ ତାଙ୍କ ପରିବାରଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ଦୁର୍ଘଟଣାରେ ବାଇକ୍‌ଆରୋହୀ ମୃତ

ସାକ୍ଷୀଗୋପାଳ,୧୮।୪(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର କାଦୁଆ ଛକ ନିକଟରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ସୁମନ ଶାସମଲ(୪୦)। ସୁମନ ଶନିବାର ମଧ୍ୟାହ୍ନ ୧୨ଟାରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଏକ ବାଇକ୍ ଯୋଗେ ଯାଉଥିଲେ। କାଦୁଆ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ସେ ବାଇକ୍‌ରୁ ରାଜପଥ ଉପରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଜନସାଧାରଣ ଚିକିତ୍ସା ନିମନ୍ତେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟବାଦୀ ପୁଲିସ ଶବଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ। ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ୧୭୧/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲୁରହିଛି ବୋଲି ସତ୍ୟବାଦୀ ଆଇଆଇସି ସୌମ୍ୟରଞ୍ଜନ ମହାଲିକ ସୂଚନା ଦେଇଛନ୍ତି।

## ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ



ସାକ୍ଷୀଗୋପାଳ,୧୮।୪(ସମିସ): ପ୍ରବାଦ ପୁରୁଷ, ମହାନ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦେଶର ବରପୁତ୍ର, ଓଡ଼ିଶା ବିକାଶର ଅନନ୍ୟ କର୍ଣ୍ଣଧାର ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ସତ୍ୟବାଦୀ ବ୍ଲକ୍‌ର କାଦୁଆ ମେଳଣ ପଡ଼ିଆରେ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ମହୁରା ପଞ୍ଚାୟତ ସମିତିସଭ୍ୟ ତଥା ସତ୍ୟବାଦୀ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ନରେନ୍ଦ୍ରପୁର ସରପଞ୍ଚ ଗୌରାଙ୍ଗ ମଲିକ, ବିଦ୍ୟାଧରପୁରୀ ସରପଞ୍ଚ ଦୁଃଶାସନ ପ୍ରଧାନ, ପେଣ୍ଠପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମହାପାତ୍ର, ଶୁକଳ ସମିତିସଭ୍ୟ ବସନ୍ତ ପ୍ରଧାନଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ବିଜୁ ପ୍ରେମୀ ଯୋଗଦେଇଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭା ସତ୍ୟବାଦୀ ବ୍ଲକ୍ ବିଜେଡି ସଭାପତି ପ୍ରମୋଦ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

■ ଚନ୍ଦ୍ରଭାଗା ବେଳାଭୂମିରେ କୋଷ୍ଟାଲ ଟ୍ରେକିଙ୍ଗ୍

## ୧୦୦ ସ୍ୱେଚ୍ଛାସେବୀଙ୍କ ପ୍ଲାଷ୍ଟିକ୍ ବର୍ଜନ ସଚେତନତା




କୋଣାର୍କ,୧୮।୪(ସମିସ): ଶନିବାର ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ, ଓଡ଼ିଶା ତରଫରୁ କୋଣାର୍କ ଚନ୍ଦ୍ରଭାଗାଠାରେ ସମୁଦ୍ରତଟ ଚଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦୦ ଜଣ ଯୁବ ସ୍ୱେଚ୍ଛାସେବୀ ଭାଗନେଇ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚନ୍ଦ୍ରଭାଗା ବେଳାଭୂମିକୁ ସଫା କରିବା ସହିତ ପ୍ଲାଷ୍ଟିକ୍‌ମୁକ୍ତ ସ୍ୱଚ୍ଛ ପରିବେଶ ନିମନ୍ତେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଆୟୋଜକ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ କୋଣାର୍କସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କା ଏବଂ ସମ୍ମାନିତ ଅତିଥିରୂପେ ଶିକ୍ଷକ ସତ୍ୟସୁନ୍ଦର ମିଶ୍ର, ଶ୍ରୀବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସନ୍ଦୀପ କୁମାର ରାଉତ ଓ ଡ. ସଚ୍ଚିଦାନନ୍ଦ ପ୍ରଧାନ ଯୁବ ସ୍ୱେଚ୍ଛାସେବୀଙ୍କୁ ସମାଜସେବାରେ ଆଦର୍ଶ କାର୍ଯ୍ୟଧାରା ଓ ଏହାର ସକାରାତ୍ମକ ପ୍ରଭାବ ସମ୍ପର୍କରେ ଅବଗତ କରିଥିଲେ। ଶେଷରେ ରାଜ୍ୟ ସରକାରଙ୍କ ଓଡ଼ିଆ ସାହିତ୍ୟ, ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶୀ ନୃତ୍ୟ ଓ ଆଦିବାସୀ ଲୋକନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂସ୍ଥାର ସଦସ୍ୟ ଭାଗୀରଥି ପାଇକରାୟ, ଆଭାସ ମୁଦୁଲି, ବିକ୍ରମ କେଶରୀ ସାମନ୍ତରାୟ, ଅନିଶେକ୍ ସିଂ, ବର୍ଷା ନାୟକ ଓ ସ୍ୱପ୍ନା ରାୟ ପରିଚାଳନା କରିଥିଲେ।

## ଶ୍ରୀବରାଳ ବାଲୁଙ୍କେଶ୍ୱର ମନ୍ଦିରକୁ ବୋମା ଧମକ

ସାକ୍ଷୀଗୋପାଳ,୧୮।୪(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବା ନିମନ୍ତେ ଧମକ ଦିଆଯାଇଛି। ମନ୍ଦିରର ସୁରକ୍ଷା ନିମନ୍ତେ ଫୋନ୍ ପେ' ମାଧ୍ୟମରେ ୫୦ ଲକ୍ଷ ଟଙ୍କା ଦେବା ନିମନ୍ତେ ମଧ୍ୟ ଦାବି କରାଯାଇଛି। ଶୁକ୍ରବାର ରାତି ୯ଟା ୩୦ରେ ମନ୍ଦିରର ସେବାୟତ ସତ୍ୟବ୍ରତ ମହାପାତ୍ରଙ୍କ ମୋବାଇଲ୍ ନମ୍ବର (୭୮୪୮୯୦୦୧୬୭)କୁ ୭୩୨୬୮୦୩୯୫୨ ନମ୍ବରରୁ ଏକ ଫୋନ୍ କଲ୍ ଆସିଥିଲା। ଅଜଣା ବ୍ୟକ୍ତି ଜଣକ ସେବାୟତ ଶ୍ରୀ ମହାପାତ୍ରଙ୍କୁ କହିଥିଲେ, ତୁମ ବରାଳ ବାଲୁଙ୍କେଶ୍ୱର ଦେବ ଜଣେ ଭଣ୍ଡ ଓ ଠକ। ଆସନ୍ତା ସୋମବାର ମନ୍ଦିରରେ ବୋମା ପକାଇ ଉଡ଼ାଇ ଦିଆଯିବ। ଠାକୁରଙ୍କୁ ନଷ୍ଟ କରି ଦିଆଯିବ। ଯଦି ସୁରକ୍ଷା ଚାହୁଁଛ ୫୦ ଲକ୍ଷ ଟଙ୍କା ଦିଅ ବୋଲି ଦାବି କରିଥିଲେ। ହ୍ୱାଟ୍ସଆପ୍‌କୁ ମେସେଜ ପଠାଇଲି। ଫୋନ୍ ପେ' ନମ୍ବରରେ ଟଙ୍କା ପଠାଇବ। ରାତି ୧୦ଟା ୩୦ରେ ଦମୟନ୍ତୀ ପାଣି, ଅନ୍ତେଇ ପାଇଲୋ, କେନ୍ଦ୍ରାପଡ଼ା ନାମରେ ସେହି ନମ୍ବରରୁ ସେବାୟତ ଶ୍ରୀ ମହାପାତ୍ରଙ୍କ ଫୋନ୍‌କୁ ଏକ ମେସେଜ୍ ଆସିଥିଲା। ସେବାୟତ ଶ୍ରୀ ମହାପାତ୍ର ଏହି ଧମକପୂର୍ଣ୍ଣ ଫୋନ୍ କଲ୍ ଓ ମେସେଜ ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡାଙ୍କୁ ଅବଗତ କରିଛନ୍ତି। ଶନିବାର ମଧ୍ୟ ସେହି ନମ୍ବରରୁ ଏକାଧିକ ଥର କଲ୍ ଆସିଅଛି ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟ ରଞ୍ଜନ ମହାଲିକଙ୍କୁ ପଚାରିବାରୁ ଧମକପୂର୍ଣ୍ଣ ଫୋନ୍ କଲ୍ ଓ ମେସେଜ୍ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ସେ ହେଉଛନ୍ତି, କେନ୍ଦ୍ରାପଡ଼ାର ପ୍ରତୀକ୍ ମିଶ୍ର। ସେ ପୂର୍ବରୁ ଏହିପରି ମିଥ୍ୟା ଧମକପୂର୍ଣ୍ଣ ଫୋନ୍ କଲ୍ ମେସେଜ ପଠାଇ ଗିରଫ ହୋଇଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

**୫୦ ଲକ୍ଷ ଟଙ୍କା ନଦେଲେ ବୋମା ପକାଇ ଉଡ଼ାଇଦେବାକୁ ଧମକ**

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଅଗ୍ନିଶମ ସେବା ସପ୍ତାହ

ଚାରିଛକ,୧୮।୪(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ନିମାପଡ଼ା ଅଗ୍ନିଶମ ସେବା କେନ୍ଦ୍ର ଆନୁକୂଲ୍ୟରେ ଅଗ୍ନିଶମ ସେବା ସପ୍ତାହ-୨୦୨୬ ଅବସରରେ ଆୟୋଜିତ ହୋଇଛି "ଅଗ୍ନି ପ୍ରଶମନ ପ୍ରଶିକ୍ଷଣ' କାର୍ଯ୍ୟକ୍ରମ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଏନ୍‌ସିସି ବିଭାଗ ମେଜର ପୁଷ୍ପଲତା ଦତ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଗ୍ନି ପ୍ରଶମନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନିମାପଡ଼ା ଅଗ୍ନିଶମ ସେବା କେନ୍ଦ୍ରର ସମସ୍ତ କର୍ମଚାରୀ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ମକ୍‌ଡ୍ରିଲ୍ ମାଧ୍ୟମରେ ଛାତ୍ରୀମାନଙ୍କୁ ସଚେତନତା କରାଇଥିଲେ। ଏଲ୍‌ପିଜି ସିଲିଣ୍ଡର, ବିଦ୍ୟୁତ୍ ସର୍ଟସର୍କିଟ୍ ଓ ତେଲ ଯୋଗୁଁ ଲାଗିଥିବା ନିଆଁକୁ କିପରି ଭିନ୍ନ ଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ଲିଭାଯାଏ ତାହା କର୍ମଚାରୀମାନେ ଦେଖାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଅଧ୍ୟାପକ ବିଷ୍ଣୁ ପ୍ରସାଦ ବାରିକ, ସୁବାସ ଚନ୍ଦ୍ର ଜେନା, ଦିବାକର ବେହେରା ପ୍ରଭୃତି ସହଯୋଗ କରିଥିଲେ। ଶେଷରେ ମେଜର ପୁଷ୍ପଲତା ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ସରୋଜକାନ୍ତ ସାହୁଙ୍କ ସମେତ କର୍ମଚାରୀମାନେ ପ୍ରଶିକ୍ଷଣ ଦେଇଥିଲେ।

## ବନମାଳୀପୁରରେ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ

ନିମାପଡ଼ା,୧୮।୪(ସମିସ): ବନମାଳୀପୁର ଗ୍ରାମର ହର-ପାର୍ବତୀ ଯୋଗ ଅନୁଷ୍ଠାନ ପକ୍ଷରୁ ଦୀର୍ଘ ୬ ବର୍ଷ ଧରି ମହାବିଷୁବ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ହର-ପାର୍ବତୀ ଯୋଗ ଅନୁଷ୍ଠାନ ପରିସରେ ସମସ୍ତ ମହିଳା ଓ ପୁରୁଷ ଭକ୍ତଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ ସହିତ ପୂଜାର୍ଚ୍ଚନା ଓ ପଣା ଭୋଗ ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଅନୁଷ୍ଠାନର ୫୦୦ରୁ ଅଧିକ କର୍ମକର୍ତ୍ତା ଓ ଭକ୍ତ ଯୋଗଦେଇଥିଲେ। ସକାଳ ୫ଟାରୁ ଆରମ୍ଭ ହୋଇ ଦିନ ୨ଟାରେ ସମାପନ କରାଯାଇଛି। ଭଜନ କୀର୍ତ୍ତନ ମନ୍ତ୍ରଧ୍ୱନିରେ ଅନୁଷ୍ଠାନ ପରିସର ପ୍ରକମ୍ପିତ ହେବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗୁରୁ ପ୍ରଶାନ୍ତ ପ୍ରଧାନଙ୍କ ରାମାୟଣରେ ହନୁମାନଜୀଙ୍କ ଉପରେ ଅଷ୍ଟ ନିଧି, ସିଦ୍ଧି କଥା ପ୍ରବଚନ ଦେଇଥିଲେ। ଅନୁଷ୍ଠାନର ସଭାପତି ଦୈତାରୀ ମାଣିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିବାବେଳେ ଅନୁଷ୍ଠାନର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



## ୨୦ରେ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ଗୁରୁଭକ୍ତି ସମ୍ମିଳନୀ

ନୟାହାଟ,୧୮।୪(ସମିସ): ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଦ୍ୱାରା ପ୍ରତିଷ୍ଠିତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ରାଜ୍ୟସ୍ତରୀୟ ୬୦ତମ ଗୁରୁଭକ୍ତି ସମ୍ମିଳନୀ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସାଧୁସନ୍ଥ ଏହି ସମ୍ମିଳନୀରେ ଯୋଗଦେବେ। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ ପ୍ରସ୍ତୁତିର ଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରାଚୀ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାବାଜୀ ଅକ୍ଷୟ ଦାସ, ପୂର୍ଣ୍ଣାନନ୍ଦ ଦାସ, ଡ. ରତ୍ନାକର ମହାନ୍ତି, ସବିତା ଦାସ, ଶକୁନ୍ତଳା ଦାଶ, ନୀଳମଣି ସାହୁ, ବଂଶୀଧର ବାରିକ, ବାଳକୃଷ୍ଣ ମହାନ୍ତି, ଗୁରୁଦତ୍ତ ମହାପାତ୍ର, ନିରଞ୍ଜନ ମହାନ୍ତି, ସୁରେନ୍ଦ୍ର ପାତ୍ର, ଅଭୟ ରାୟ, ରବୀନ୍ଦ୍ର ଦାସ, ରମେଶ ବିଟି, ଲିଙ୍ଗରାଜ ଦଳେଇ, ଶ୍ରୀଚରଣ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ଓଝା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ୧୯ ତାରିଖରେ ଗୁରୁଦେବଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ ବୋଲି ପ୍ରୀତିରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ମାସେ ଭିତରେ ୩ଟି ରାସ୍ତା କାମରୁ ଉଠିଗଲା ପିଚୁ

ନୟାହାଟ,୧୮।୪(ସମିସ): ସରକାରୀ ଅର୍ଥର ଅପବ୍ୟବହାର ଯୋଗୁଁ ସଠିକ୍ ଭାବରେ ରାସ୍ତା କାମ କରା ନ ଯିବା ସାଙ୍ଗକୁ ନିମ୍ନମାନର କାର୍ଯ୍ୟ ଓ ତଦାରଖର ଅଭାବ ଯୋଗୁଁ ମାର୍ଚ୍ଚ ମାସରେ ନୟାହାଟ ଅଞ୍ଚଳର ୩ଟି ରାସ୍ତା କାମ ହୋଇ ଏପ୍ରିଲ ମାସରେ ପିଚୁ ଉଠି ରାସ୍ତା ନଷ୍ଟ ହେବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ମୁରୁଡ଼ାଠାରୁ କଜଳପାତିଆ, ଦୁର୍ଗାପୁରରୁ ଡଗରା ସାଇ ଓ ଗଡ଼ କରମଳାଠାରୁ ବାଲିଦଣ୍ଡା ରାସ୍ତା ବଜୁରିରେ ପୁରୁଣା ପିଚୁ ଦିଆଯାଇଥିବାରୁ ତାହାର ଅଠା ଅଂଶ କମ୍ ଥିବାବେଳେ ଏଷ୍ଟିମେଟ୍ ଅନୁଯାୟୀ କାମ ଠିକାଦାର କରି ନ ଥିବାବେଳେ ପିଚୁ ବିଭିନ୍ନ ସ୍ଥାନରେ ଉଠି ଖାଲ ସୃଷ୍ଟି ହେଇଛି। କାର୍ଯ୍ୟ ସମୟରେ ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ଠିକାଦାର ଏପରି କରିଛନ୍ତି ବୋଲି ଇଶାଣପୁର ସରପଞ୍ଚ ବିନୋଦିନୀ ପାଳ, ଦେସ୍ଥଳି ପଞ୍ଚାୟତର



ରିସ୍ମା ସ୍ୱାଇଁ ଅଭିଯୋଗ କରି କହିଛନ୍ତି ପିଚୁ ୩ ଇଞ୍ଚ ଜାଗାରେ ରାସ୍ତାରେ ଛିଞ୍ଚା ହେଇଛି। ଏହି ଖରାପ କାର୍ଯ୍ୟ ପାଇଁ ଯନ୍ତ୍ରୀଙ୍କୁ ଦୁଇ ମହିଳା ସରପଞ୍ଚ ଦାୟୀ କରିଛନ୍ତି।

# ଗଠନ ହୋଇନି ସ୍କୁଲ କମିଟି; କେମିତି ବଣ୍ଟାଯିବ ପୋଷାକ

ପିପିଲି,୧୮।୪(ସମିସ)

ଶିକ୍ଷା ବିଭାଗର ଚିଠି ଦେଖି ଶିକ୍ଷକମାନଙ୍କ ମୁଣ୍ଡ ଗୋଲ୍। ୨୦୨୬-୨୭ ଶିକ୍ଷା ବର୍ଷରେ ନାମଲେଖା ସରିନାହିଁ। ଯାହାକି ରଜ ପରେ ଅର୍ଥାତ୍ ଜୁନ୍ ଶେଷ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରେ ନାମଲେଖା ଚାଲିବ। ନାମଲେଖା ସରି ନ ଥିବାରୁ ରୋଲ୍ ଷ୍ଟ୍ରେ' ବା ଛୁଆ ଗଣତି ସରିନାହିଁ। ତେଣୁ କେତେ ପିଲାଙ୍କୁ ପୋଷାକ ବଣ୍ଟନ କରାଯିବ ତାହାକୁ ନେଇ ପ୍ରଧାନଶିକ୍ଷକଙ୍କ ଅକଲ ଗୁଡୁମ୍ ହୋଇଛି। ଶିକ୍ଷା ବିଭାଗର ଚିଠି ନମ୍ବର ୪୩୬୦/୨୬ ବଳରେ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପତ୍ର ଲେଖିଛନ୍ତି ଯେ ଗତ ବର୍ଷ ବିଳମ୍ବ ହୋଇଥିଲା, ଏ ବର୍ଷ ଆଗୁଆ ସରକାରୀ ପୋଷାକ ପିଲାଙ୍କୁ ଦିଅ। ୨୦୨୬ ଏପ୍ରିଲ୍ ୧୦ ତାରିଖ ସୁଦ୍ଧା କେଉଁ ସ୍କୁଲରେ କେତେ ପିଲା ଅଛନ୍ତି ଜଣାଅ। ଏପ୍ରିଲ ୧୨ ସୁଦ୍ଧା ତାହାର ଭେରିଫିକେସନ କର ଓ ଏପ୍ରିଲ ୨୭ ସୁଦ୍ଧା ପୋଷାକ ବଣ୍ଟନ ଶେଷ କର। ଏହି ପୋଷାକ ବଣ୍ଟନ ବେଳେ କ୍ୱାଲିଟି ମେଣ୍ଟେନ କର। ଏହା ହେଉଛି କାଗଜପତ୍ରର କଥା। ବାସ୍ତବରେ ଆକାଶ ପାତାଳ ଫରକ। ପ୍ରଥମ ହେଲା ପୋଷାକ ବାଣ୍ଟିବାକୁ ସ୍କୁଲ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। କୌତୁହଳର କଥା ୨୦୨୪ ମାର୍ଚ୍ଚ ୩୧ ତାରିଖରୁ ସ୍କୁଲରେ ଆଉ କମିଟି ନାହିଁ। ୨୦୨୪ରେ ନୂଆ ସରକାର ଆସିଲା ପରେ କମିଟି ନ କରି ସେହି ପୁରୁଣା ଫାଇଲ୍‌କୁ ୨୦୨୫ ଏପ୍ରିଲ ୩୦ ତାରିଖ ଯାଏ ରିନୁଆଲ କରିଦେଲେ। ୨୦୨୫ ଶେଷ ହୋଇ ୨୦୨୬ ଚାଲିଲାଣି। ତଥାପି ମଧ୍ୟ ସ୍କୁଲରେ କମିଟି ଗଠନ ହୋଇପାରିଲା ନାହିଁ। ଯେଉଁ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ସଭାପତି ଥିଲେ ସେମାନଙ୍କ ପିଲା ପ୍ରାଥମିକ ପାଠ ସାରି ଷଷ୍ଠ କିମ୍ବା ସପ୍ତମରେ ନାମ ଲେଖାଇଲେଣି ଓ ସ୍କୁଲ ଛାଡ଼ିଲେଣି। ତେଣୁ ସେହି ଅଭିଭାବକ ଦୁଇ ବର୍ଷ ହୋଇଗଲା ଆଉ କମିଟିରେ ନାହାନ୍ତି। ତେବେ ସେହି ସଭାପତିଙ୍କୁ ପୋଷାକ କେମିତି ବଣ୍ଟାଯିବାର ଆଦେଶ ଦିଆଯିବ ତାହାକୁ ନେଇ ଦ୍ୱନ୍ଦ୍ୱରେ ଶିକ୍ଷକଶିକ୍ଷୟିତ୍ରୀ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାର ଏପ୍ରିଲ ୮ରେ ଚିଠି ରିଲିଜ୍ କଲେ। ଯାହାକି ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଖକୁ ଏପ୍ରିଲ୍ ୯ ତାରିଖ ରାତି ସୁଦ୍ଧା ପହଞ୍ଚିଲା। ବିଡ଼ମ୍ବନାର ବିଷୟ ହେଲା ଚିଠିରେ ଉଲ୍ଲେଖ ଅଛି ଏପ୍ରିଲ ୧୦ରେ ବ୍ଲକ୍‌ରୁ ଜିଲ୍ଲାକୁ ପିଲା ଗଣତି ଚିଠା ଯିବ। ଏହି ଚିଠା ଲେଖା ହେବା ବେଳକୁ ୧୦ ତାରିଖ ଅତିକ୍ରାନ୍ତ କରିସାରିଛି। ଏପରିକି ଭେରିଫିକେସନ ତାରିଖ ୧୨ ତାରିଖ ରବିବାର ପଡୁଛି। ଅନେକ ଶିକ୍ଷକ ଜନଗଣନା ଓ ଏସ୍‌ଆଇଆର୍‌ରେ ନିୟୋଜିତ ରହିଛନ୍ତି। ତୃତୀୟ କଥା ହେଲା କେଉଁ ଏସ୍‌ଏଚ୍‌ଜିକୁ ପୋଷାକ ବଣ୍ଟନ ଆଦେଶ ମିଳିବ ତାହା ଦରଖାସ୍ତ ବି ହୋଇନାହିଁ। ଏହି ସ୍ୱୟଂ ସାହାଯିକା ଗୋଷ୍ଠୀଙ୍କ ଦରଖାସ୍ତ ଯାଞ୍ଚ ହେବ ଓ କିଏ କେତେ ପୋଷାକ ବାଣ୍ଟିବ ତାହା ଆଦେଶ ନେବା ପରେ ନିଜ ସିଲାଇ ମେସିନ୍‌ରେ ତାହାକୁ ତିଆରି କରିବେ। ତେଣୁ ଏହା କାର୍ଯ୍ୟକାରୀ ହେବା ବେଳକୁ ଦେଢ଼ ମାସ ବିତିଯିବ। ତେଣୁ ଏପ୍ରିଲ ୨୭ ତାରିଖ ସୁଦ୍ଧା ପୋଷାକ ବଣ୍ଟନ ଶେଷ ଏକ ଅସମ୍ଭବ ବ୍ୟାପାର। ପିପିଲି ବ୍ଲକ୍‌ରେ ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୨ ହାଜର ୪ଶହର ଆକଳନ କରି ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ପଠାଇଥିବାର ପିପିଲି ମଣ୍ଡଳ ଶିକ୍ଷାଧିକାରୀ ପୀତବାସ ସେଠୀ କହିଛନ୍ତି। ଗଙ୍ଗାଧର ମେହେର ପୋଷାକ ଯୋଜନା ଓ ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନାରେ ଏହି ପୋଷାକ ବଣ୍ଟନ ହେବ ପିଲା ପିଛା ୧ ହଜାର ଟଙ୍କାରେ। ପୋଷାକ ସହିତ ଜୋତା, ମୋଜା, ଆଇକାର୍ଡ, ଟୋପି, ଟି-ଶାର୍ଟ, ଟ୍ରାକ୍‌ସୁଟ୍ ଆଦି ଦିଆଯିବ। ତେବେ ଏସ୍‌ଏଚ୍‌ଜିମାନେ ୫୦୦ ଟଙ୍କାରେ ଦୁଇହଳ ପୋଷାକ ୧୫ଦିନ ମଧ୍ୟରେ କିପରି ତିଆରି କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଧାୟକଙ୍କ ଛତ୍ରଛାୟା ତଳେ ଏସ୍‌ଡିପିଓ







ନୟାଗଡ଼,୧୮ ।୪(ସମିସ)

ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅନୁଗତ, ସହଯୋଗୀ, ପରାମର୍ଶଦାତା କହିଲେ ଅତ୍ୟୁକ୍ତି ହେବନାହିଁ। ଏସ୍‌ଡିପିଓଙ୍କ ବିନା ବିଧାୟକଙ୍କୁ କୌଣସି ମଞ୍ଚରେ ଦେଖିବାକୁ ମିଳେନି। ସରକାରୀ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ବିଜେପିର ଦଳୀୟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସବୁଠି ଏସ୍‌ଡିପିଓଙ୍କ ଉପସ୍ଥିତି ତାଙ୍କୁ ଅଘୋଷିତ ରାଜନେତା ତଥା ଚାଣକ୍ୟ ଭାବେ ପରିଚୟ ଦେଇଛି। ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ବିରୋଧୀଙ୍କୁ ବିନାଶ ତଥା ବିଧାୟକଙ୍କ ପ୍ରତିପ୍ରତି ବୃଦ୍ଧି କରିବାକୁ ଏସ୍‌ଡିପିଓ କାର୍ଯ୍ୟ କରିଆସୁଛନ୍ତି। ଏନେଇ ନୟାଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲାର ସମସ୍ତ ରାଜନୈତିକ ବ୍ୟକ୍ତିତ୍ୱ ଦୀର୍ଘଦିନ ତଳେ ନୟାଗଡ଼ ଏସପିଙ୍କୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗର କୌଣସି ସୁଫଳ ମିଳି ନ ଥିଲା। ଏସ୍‌ଡିପିଓଙ୍କ ସମ୍ପୃକ୍ତି ବେଆଇନ ବାଲି କାରବାରରେ ଥିବା ନେଇ ସୁପ୍ରିମକୋର୍ଟ ଆଇନଜୀବୀ ବିଧାନଚନ୍ଦ୍ର ପ୍ରଧାନ ଗତ ମାର୍ଚ୍ଚ ୬ ତାରିଖ ଅଭିଯୋଗ କରିଥିଲେ।



ଖଣ୍ଡପଡ଼ା ଏସଡିପିଓ ନିଜର ପଦର ଅପବ୍ୟବହାର କରି କୋଟି କୋଟି ଟଙ୍କାର ବାଲି ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ମୁଖ୍ୟମନ୍ତ୍ରୀ, ପୁଲିସ ଡିଜି ଓ ଜିଲ୍ଲାପାଳଙ୍କୁ ଚିଠି କରି ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ସେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ, ଭିଜିଲାନ୍ସ ଓ ନୟାଗଡ଼ ଏସ୍‌ପିଙ୍କୁ ମଧ୍ୟ ମେଲ ଯୋଗେ ଅବଗତ କରିଥିଲେ।

## ବେଆଇନ ବାଲି କାରବାରରେ ସମ୍ପୃକ୍ତି

ଏସଡିପିଓ ମଦନ ମୋହନ ପ୍ରଧାନ ଖଣ୍ଡପଡ଼ାରେ ଯୋଗଦାନ କରିବା ଦିନରୁ ନିଜ ପଦର ଅପବ୍ୟବହାର କରି ବିଭିନ୍ନ ବାଲିଗାଡ଼ି, ଚିପ୍ସ ଗାଡ଼ି ଧରି ସେମାନଙ୍କୁ ବିଭିନ୍ନ ଧମକ ଚମକ ଦେଇ ବିଭିନ୍ନ ଦଫାରେ ବାନ୍ଧିବାକୁ ଧମକ ଦେଇ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଇବା ପରେ ସ୍ଥାନୀୟ କିଛି କୁଜିନେତାଙ୍କ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ପାରିବାରିକ ସମ୍ପର୍କ ଥିବା କହି ଆଇନର ଧଜିଆ ଉଡ଼ାଉଥିବା ପ୍ରଧାନ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଅଭିଯୋଗକୁ ଇତିମଧ୍ୟରେ ମାସେ ବିତିଥିବା ବେଳେ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପଛରେ ବିଧାୟକଙ୍କ ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ ହୋଇଛି। ବିଧାୟକଙ୍କ ସାହସ ପାଇ ସେ ମଞ୍ଜୁ ଓ ରଶ୍ମିତାଙ୍କ ଭଳି ମହିଳାଙ୍କୁ ଶୋଷଣ କରିବା ପାଇଁ ଚେଷ୍ଟା କରିବା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ମଞ୍ଜୁଙ୍କ ଅଭିଯୋଗର କୌଣସି ପ୍ରମାଣ ନ ଥିବାରୁ ଏସ୍‌ଡିପିଓ ତାହାକୁ ବାଏଁ ବାଏଁ ଉଡ଼ାଇ ଦେଇଥିବା ବେଳେ ରଶ୍ମିତାଙ୍କ କ୍ଷେତ୍ରରେ ସମସ୍ତ ତଥ୍ୟ ଓ ପ୍ରମାଣ ସୋସିଆଲ ମିଡିଆଠାରୁ ଆରମ୍ଭ କରି ଗଣମାଧ୍ୟମ ପର୍ଯ୍ୟନ୍ତ ଘୂରି ବୁଲୁଛି। ମାଳ ମାଳ ଅଭିଯୋଗ ଥିଲେ ମଧ୍ୟ ନୟାଗଡ଼ ଜିଲ୍ଲା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ତେଣୁ ଏସ୍‌ଡିପିଓ ଆଇନ ରକ୍ଷକ ବଦଳରେ ଭକ୍ଷକ ସାଜିଥିବା ଭାପୁର ଅଞ୍ଚଳର ସୁଶାନ୍ତ ଦାଶ କହିଛନ୍ତି।

## ପୀଡ଼ିତାଙ୍କୁ ନ୍ୟାୟ ପାଇଁ କଂଗ୍ରେସର ଦାବି

ଖଣ୍ଡପଡ଼ା,୧୮ ।୪(ସମିସ): ଫତେଗଡ଼ ଥାନା ଫତେଗଡ଼ ଗ୍ରାମର ରଶ୍ମିତା କହଁର ଉଠାଇଥିବା ଅଭିଯୋଗର ସଠିକ ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ଶନିବାର ଖଣ୍ଡପଡ଼ା ନଗର କଂଗ୍ରେସ ଦାବି କରିଛି। ଡବଲ ଇଞ୍ଜିନ ସରକାରରେ ମହିଳାଙ୍କୁ ପୁଲିସ ସୁରକ୍ଷା ବଦଳରେ ଅଭଦ୍ରୋଚିତ ଆଚରଣକୁ ନିନ୍ଦା କରାଯାଇଛି। ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କୁ ବଦଳି ସହ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ଦାବି କରିଛି। ରାଜ୍ୟରେ ବିଜେପି ସରକାର ଆସିବା ଦିନଠୁ ଖଣ୍ଡପଡ଼ାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨ ବର୍ଷରେ ଶହ ଶହ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଥିବା ବେଳେ ସୁରକ୍ଷା ଦେବାରେ ପୁଲିସ ବିଫଳ ହୋଇଛି। ସବୁଠି ସୀମା ଟପିଲାଣି ପୁଲିସ ହସ୍ତକ୍ଷେପ ଆଉ ନିଷ୍କ୍ରିୟତା। ଫଳରେ ଅସୁରକ୍ଷିତ ମନେ କରୁଛନ୍ତି ଖଣ୍ଡପଡ଼ା ଅଞ୍ଚଳର ମହିଳା। ଗତ ଜାନୁଆରୀ ମାସରେ ନୂଆପଲ୍ଲୀ ଅଞ୍ଚଳର ମହିଳା ମଞ୍ଜୁ ଦଳେଇ ଏବଂ ଗତକାଲି ଫତେଗଡ଼ ଅଞ୍ଚଳର ରଶ୍ମିତା କହଁର ଘଟଣା ପୁଲିସ ପ୍ରଶାସନର ମୁଖା ଖୋଲିଛି। ରକ୍ଷକ କିଭଳି ଭକ୍ଷକ ସାଜେ ତାହା ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନଙ୍କ ଆଚରଣ ଓ ଉଚ୍ଚାରଣ ପ୍ରମାଣ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ଶାସନ ବ୍ୟବସ୍ଥାକୁ କଂଗ୍ରେସ ଉତ୍ତରଦାୟୀ କରିଛି। ଏସ୍‌ଡିପିଓଙ୍କ ଅଡିଓ ସାମାଜିକ ଗଣମାଧ୍ୟମ ତଥା ବିଭିନ୍ନ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ ପ୍ରକାଶିତ ହେବାପରେ ପୁଲିସ ଆଭିମୁଖ୍ୟକୁ କଂଗ୍ରେସ ତୀବ୍ର ନିନ୍ଦା କରିଛି। ଏଭଳି କରିତକର୍ମା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ଦାବି କରିଥିବା ବେଳେ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ଖଣ୍ଡପଡ଼ା ଅଞ୍ଚଳକୁ ଆସିବା ଦିନଠାରୁ ଏସ୍‌ଡିପିଓ ଜନବିରୋଧୀ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ତାଙ୍କୁ ସୁରକ୍ଷା ଦେଇ ଆସୁଥିବା କଂଗ୍ରେସ ପ୍ରେସବାର୍ତ୍ତାରେ କହିଛି। ସଭାସମିତି ଯାନିଯାତ୍ରାରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ତାଙ୍କୁ ମଞ୍ଚ ମଙ୍ଗୁଆଳ କରିବା ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଛି। ସମ୍ପୃକ୍ତ ଅଧିକାରୀ ପୁଲିସ ବିଭାଗର ନିରପେକ୍ଷତାକୁ ମାଟିରେ ମିଶାଇଥିବା ବେଳେ ଦଳୀୟ ନେତାଙ୍କ ବୋଲକରା ସାଜିଥିବା କଂଗ୍ରେସ ଅଭିଯୋଗ କରିଛି। ନୟାଗଡ଼ ଏସ୍‌ପି ଏଭଳି ଅସାଧୁ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ପ୍ରେସବାର୍ତ୍ତା ଯୋଗେ ସୂଚନା ଦେଇଛନ୍ତି।

## ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ

ନୟାଗଡ଼,୧୮ ।୪(ସମିସ): ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନଙ୍କ ଫୋନ୍ ଓ ହ୍ୱାଟ୍ସଆପ ଜରିଆରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା ଘଟଣାକୁ ନେଇ ଆଜି ଜାତୀୟ ମାନବାଧିକାର କମିଶନରେ ଅପିଲ୍ କରାଯାଇଛି। ନ୍ୟାୟ ପାଇଁ ଲଢ଼େଇ ପରିବାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏ ନେଇ ଜାତୀୟ ମାନବାଧିକାର କମିଶନରେ ଅପିଲ୍ କରିଥିବା ବେଳେ ରଶ୍ମିତାଙ୍କୁ ନ୍ୟାୟ ଓ କ୍ଷତିପୂରଣ ଦାବି କରିଛନ୍ତି। ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଅପରାଧିକ ମାମଲା ରୁଜୁ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ଏନ୍‌ଏଚ୍‌ଆର୍‌ସିରେ ୮୫୪୫/୨୦୨୬ରେ ଏକ ମାମଲା ରୁଜୁ ହୋଇଛି।

## ସୋସିଆଲ ମିଡିଆରେ ଝଡ଼

ନୟାଗଡ଼,୧୮ ।୪(ସମିସ): ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରେମ ନିବେଦନ କରିବାର ଅଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି ହୋଇଛି। ଏସ୍‌ଡିପିଓଙ୍କ ବିରୋଧରେ ମାଳ ମାଳ ପୋଷ୍ଟ ଘୂରି ବୁଲୁଛି। ଏସ୍‌ଡିପିଓଙ୍କ ବେଫିକର ନୀତି ଏବଂ ଦମନଲୀଳାର ଶିକାର ହୋଇଥିବା ଶହ ଶହ ଯୁବକ ତାଙ୍କ ବିରୋଧରେ ମାଳ ମାଳ ପୋଷ୍ଟ କରିବା ସହ ଜବାବ ମାଗିଛନ୍ତି। ଏକ ମାମଲାରେ ଆକ୍ରୋସମୂଳକ ଭାବେ ଗିରଫ ହୋଇଥିବା ମିଲୁ ଦାଶ ଆଜି ସୋସିଆଲ ମିଡିଆରେ ଏସ୍‌ଡିପିଓଙ୍କ ମୋବାଇଲ କାହିଁକି ସୁଇଚ୍‌ଅଫ୍ ବୋଲି ପ୍ରଶ୍ନ କରିବା ସହ ଜିଲ୍ଲା ପ୍ରଶାସନକୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଗଣମାଧ୍ୟମଠାରୁ ଆରମ୍ଭ କରି ଫେସବୁକ୍, ଇନଷ୍ଟାଗ୍ରାମ, ହ୍ୱାଟ୍ସଆପରେ କେବଳ ରଶ୍ମିତା ଓ ଏସ୍‌ଡିପିଓଙ୍କ ବାର୍ତ୍ତାଳପ ଅଡିଓ ଘୂରି ବୁଲୁଛି।




# ସୋଲାର ପ୍ରକଳ୍ପ ପାଇଁ ସଂରକ୍ଷିତ ଜଙ୍ଗଲରୁ ଗଛକଟା

ଖଣ୍ଡପଡ଼ା,୧୮ ।୪(ସମିସ): ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତ ଦଣ୍ଡପୋଖରୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାଶ୍ୱର୍ରେ ସୋଲାର ପ୍ରକଳ୍ପ ନିମନ୍ତେ ବିଦ୍ୟୁତ ଖୁଣ୍ଟ ପୋତାଯାଇ ବିଦ୍ୟୁତ ତାର ଟାଣିବା କାର୍ଯ୍ୟ ଚାଲୁ ରହିଛି। ମାତ୍ର ରାସ୍ତା ପାଶ୍ୱର୍ରେ ବିଦ୍ୟୁତ ଖୁଣ୍ଟଗୁଡ଼ିକ ପୋତାଯାଉଥିବା ବେଳେ ବର୍ଷ ବର୍ଷ ଧରି ବନୀକରଣ ଯୋଜନାରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଶାଳଗଛଗୁଡ଼ିକ ବଳିପଡୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପରିବେଶବିତଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗଛଗୁଡ଼ିକର ଅର୍ଦ୍ଧାଧିକ ଅଂଶକୁ ଘରୋଇ ସଂସ୍ଥାର କର୍ମଚାରୀମ ବେଫିକର ଭାବେ କାଟି ଦେଉଥିବାରୁ ଗତ ମାର୍ଚ୍ଚ ୧୩ ତାରିଖ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମାସେ ପରେ ଶନିବାର ପୁଣିଥରେ ଘରୋଇ ସଂସ୍ଥା ପକ୍ଷରୁ ୬ରୁ ଊର୍ଦ୍ଧ୍ୱ ଶାଳଗଛ କାଟି ଦିଆଯାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ସାପୁଆ ସଂରକ୍ଷିତ ଜଙ୍ଗଲରେ ଗଛ କାଟିବାକୁ ଅନୁମତି ନ ଥିବା ବେଳେ କାହା ବଳରେ ଘରୋଇ ସଂସ୍ଥା ଏଭଳି ବେଆଇନ କାର୍ଯ୍ୟ କଲା ତାକୁ ନେଇ ପ୍ରଶ୍ନ କରିଥିଲେ ଗ୍ରାମବାସୀ। ଅନ୍ୟପକ୍ଷରେ ଘରୋଇ ସଂସ୍ଥା କର୍ମଚାରୀ ଏବଂ ମାଲିକଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ବନବିଭାଗ ଓ ପୁଲିସକୁ ଖବର ଦେଇଥିଲେ। ଶେଷରେ ଘରୋଇ ସଂସ୍ଥାର ମାଲିକ ଗ୍ରାମବାସୀଙ୍କୁ ଅଢ଼େଇ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାରେ ମାମଲା ରଫାଦଫା ହୋଇଥିବା ସୂଚନା ମିଳିଛି।



## ବନ ବିଭାଗ ଚୁପ୍; ସୁରକ୍ଷା ଦେଉଛନ୍ତି ନେତା ଓ ପୁଲିସ

ଘରୋଇ କମ୍ପାନୀର ତାର ବିଛାରେ ଗଛ କାଟିବାକୁ ବନବିଭାଗ କିଭଳି ଅନୁମତି ଦେଲା ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ଗତ କିଛିମାସ ହେବ ସିଙ୍ଘାପଡ଼ା ପଞ୍ଚାୟତ ରୁପାପଲ୍ଲୀ, ହରିହରପ୍ରସାଦ, ନୂଆଗାଁ, ଦଣ୍ଡପୋଖରୀ ମୌଜାରେ ଏକ ଘରୋଇ ସଂସ୍ଥା ସୋଲାର ପ୍ରକଳ୍ପ ତିଆରି କରୁଛି। ଏକର ଏକର ସରକାରୀ ଜମି ମାଡ଼ିବସି ଉକ୍ତ ସଂସ୍ଥା ବିବାଦରେ ଥିବାବେଳେ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଘଟଣା ବାବଦରେ ଲିଖିତ ଅଭିଯୋଗ ମଧ୍ୟ ହୋଇଛି। ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ଏବଂ ଜଣେ ବରିଷ୍ଠ ପୁଲିସ ଅଧିକାରୀ ଘରୋଇ କମ୍ପାନୀଠାରୁ ମୋଟା ଅଙ୍କର ଅର୍ଥ ନେଇ ସୁରକ୍ଷା ଯୋଗାଇଦେବା ସହ ଗ୍ରାମବାସୀଙ୍କୁ ନାଲିଆଖି ଦେଖାଇ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଖଣ୍ଡପଡ଼ା ବନାଞ୍ଚଳ ପକ୍ଷରୁ ମଧ୍ୟ ଏ ଦିଗରେ ଅସମ୍ଭବ ନିରବତା ଅବଲମ୍ବନ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡ. କୁଳାଙ୍ଗାର ପାଇବେ ହାସ୍ୟରସିକ ଉପାୟନ

ନୟାଗଡ଼,୧୮ ।୪(ସମିସ): ନୟାଗଡ଼ ଜିଲ୍ଲା ସାହିତ୍ୟ ସଂସ୍କୃତି ମଞ୍ଚ ପକ୍ଷରୁ ମେ ୩ ତାରିଖ ହେବାକୁ ଥିବା ହସି ହସାଅ କାର୍ଯ୍ୟକ୍ରମରେ ଡ. କୁଳାଙ୍ଗାରଙ୍କୁ ଉତ୍କଳଘଣ୍ଟ ହାସ୍ୟରସିକ ଉପାୟନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ସଭାପତି ପ୍ରମୋଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ନୟାଗଡ଼ ଜଗନ୍ନାଥ ମନ୍ଦିର ନିକଟରେ ଆୟୋଜିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ଉପାୟନ ସହ ୨୧ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ବର୍ଷ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ବ୍ୟଙ୍ଗ ସାହିତ୍ୟକୁ ଆଗକୁ ନେବାକୁ ପ୍ରୟାସ ଜାରି ରହିଛି।



● ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ

## ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି, ଧାରଣା ପ୍ରତ୍ୟାହୃତ

ନୟାଗଡ଼,୧୮ ।୪(ସମିସ): ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ସମ୍ପର୍କରେ ଖବର ପ୍ରସାରଣ ପରେ ଶନିବାର ଜିଲ୍ଲାପାଳ ମଧୁମିତା ରଥ ଅଚାନକ ଗସ୍ତ କରିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ଅନୁପସ୍ଥିତ ଥିଲେ ମଧ୍ୟ ଜିଲ୍ଲାପାଳ ପ୍ରଥମେ ସମସ୍ତ କର୍ମଚାରୀଙ୍କୁ ଡାକି ଆଲୋଚନା କରିଥିଲେ। ପରେ ଧାରଣାରେ ବସିଥିବା ଅବସରପ୍ରାପ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଷଷ୍ଠ ବେତନ କମିଶନ, ସପ୍ତମ ବେତନ କମିଶନ ଏବଂ ଗ୍ରାଚ୍ୟୁଇଟି ଅର୍ଥ ପାଇବା ପାଇଁ ଆକଳନ ଚାଲିଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଆସନ୍ତା ଦୁଇ ତିନି ମାସ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କ ଦାବି ମୁତାବକ ଅର୍ଥ ପାଇବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଦୀର୍ଘ ୧୮ ଦିନ ଧରି ଚାଲିଥିବା ଧାରଣା ପ୍ରତ୍ୟାହୃତ ହୋଇଛି।



## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ଓଡ଼ଗାଁ,୧୮ ।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ କୋମଣ୍ଡ ରାଜସ୍ୱ ଅଞ୍ଚଳରୁ ବେଆଇନ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ଏକ ମିନି ଟ୍ରକକୁ ଓଡ଼ଗାଁ ପୁଲିସ କୁରାଳ ରୋଡରେ ଜବତ କରିଛି। ଓଡ଼ଗାଁ ଆଦର୍ଶ ଥାନା ପୁଲିସ କେତେକ ଚୋରାଚାଲାଣ ହେଉଥିବା ଗାଡ଼ି ଜବତ କରିଥିଲା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଥାନା ଅଧିକାରୀ ସତ୍ୟନାରାୟଣ ବାରିକ ଗୁରୁବାର ରାତିରେ କୋମଣ୍ଡ କୁରାଳ ରାସ୍ତାରେ ଚଢ଼ଉ କରିଥିଲେ। ସେଠାରୁ ଏକ ମିନି ଟ୍ରକକୁ ପିଛା କରି ଜବତ କରିଥିଲେ।

## ସିଏମ୍ ଟ୍ରଫି ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ନୟାଗଡ଼,୧୮ ।୪(ସମିସ): ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଶନିବାର ନୟାଗଡ଼ ଷ୍ଟାଡିୟମ ପଡ଼ିଆରେ ଉଦଘାଟିତ ହୋଇଛି। ଜିଲ୍ଲା କ୍ରୀଡ଼ା ବିଭାଗ, ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ସୁଜାତା ସାହୁ ଯୋଗଦେଇଥିଲେ। ଜିଲ୍ଲା ଆଥଲେଟିକ ଆସୋସିଏସନ ସମ୍ପାଦକ ଅଶେଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପସଭାପତି ଭବାନୀ ଶଙ୍କର ଦାସ, ଯୁଗ୍ମ ସମ୍ପାଦକ ବିନାୟକ ପ୍ରାସାଦ ରାଓ, ସଭ୍ୟ ନିଶିକାନ୍ତ ମହାନ୍ତି ସହଯୋଗ କରିଥିଲେ। ଶାରୀରିକ ଶିକ୍ଷା ପ୍ରଶିକ୍ଷକ ସନ୍ନ୍ୟାସୀ ପ୍ରଧାନ, ଉମାକାନ୍ତ ମିଶ୍ର, ପ୍ରଦୀପ୍ତ ଚିତ୍ତରଞ୍ଜନ ସାହୁ, ଆଶିଷ ପଟ୍ଟନାୟକ, ବିରଞ୍ଚି ନାରାୟଣ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

ଭାପୁର,୧୮ ।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ବିଭୂତି ମହାପାତ୍ରଙ୍କ ବାପା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗୀନାଥ ରଣାଙ୍କର ଶନିବାର ଅପରାହ୍ନରେ ତାଙ୍କ ଭାପୁର ବାସଭବନରେ ପରଲୋକ ହୋଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କ ଚାକିରି ଜୀବନର ଅଧିକାଂଶ ସମୟ ଫତେଗଡ଼ ସ୍କୁଲରେ ଶିକ୍ଷକତା କରିଥିଲେ। ତାଙ୍କର ୫ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ଏକମାତ୍ର ପୁଅ ବିଭୂତି ମୁଖାଗ୍ନି ଦେଇଥିଲେ।

## ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ

ଗଣିଆ,୧୮ ।୪(ସମିସ): ଗଣିଆ ଥାନା ପୁଲିସ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏଏସଆଇ ଶାହା ଆଲାମ ଖାଁ, ପ୍ରଧାନଶିକ୍ଷୟିତ୍ରୀ ନୀହାରବାଳା ରାଉତ, ସହକାରୀ ଶିକ୍ଷକ ପବିତ୍ର କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କୁ ନୂତନ ଆଇନ ସମ୍ପର୍କରେ ଥାନା ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ବିଏନଏସ, ବିଏନଏସଏସ, ବିଏସଏ ସମ୍ପର୍କିତ ଆଇନ କେଉଁ ଆଧାରରେ କାର୍ଯ୍ୟ କରୁଛି ସେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ପୁରସ୍କାର ବଣ୍ଟନ କରିଥିଲେ। ସେହିପରି ବେଲପଡ଼ାପାଟଣାସ୍ଥିତ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅଜୟ ମହାରଣାଙ୍କ ଉପସ୍ଥିତିରେ ଥାନା ପକ୍ଷରୁ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




ମନରେଗା ଜନଶୁଣାଣି

## ମହିଳାଙ୍କ ଦ୍ୱାରା ୫୯,୮୦୮ ଶ୍ରମ ଦିବସ ସୃଷ୍ଟି

ନୟାଗଡ଼,୧୮ ।୪(ସମିସ): ନୟାଗଡ଼ ବ୍ଲକ ସଭାଗୃହରେ ମନରେଗା ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ସାମାଜିକ ସମୀକ୍ଷା ସମୟରେ ଆସିଥିବା ୨୬୮ଟି ତ୍ରୁଟି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସେଥିମଧ୍ୟରୁ ପ୍ରକ୍ରିୟା ଉଲ୍ଲଂଘନ ୨୪୯, ଆର୍ଥିକ ବିଚ୍ୟୁତି ୧୧, ଆର୍ଥିକ ଅନିୟମିତତା ୨ ଏବଂ ଅଭିଯୋଗ ବାବଦ ୬ଟି ସମସ୍ୟା ରହିଥିଲା। ତ୍ରୁଟିଗୁଡ଼ିକ ସମ୍ବନ୍ଧରେ ସବିଶେଷ ଆଲୋଚନା ପରେ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୨ ତାରିଖ ସୁଦ୍ଧା ସମସ୍ତ ତ୍ରୁଟିର ସଂଶୋଧନ କରାଯିବ। ଏହାର ସମସ୍ତ ରିପୋର୍ଟ କାର୍ଯ୍ୟକ୍ରମ ଅଧିକାରୀ ତଥା ନୟାଗଡ଼ ବିଡିଓଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

୨୦୨୫-୨୬ ଆର୍ଥିକ ବର୍ଷରେ ୧,୪୮,୨୧୬ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ସେଥିରେ ୫୯,୮୦୮ଟି ଶ୍ରମ ଦିବସ ମହିଳାଙ୍କ ଦ୍ୱାରା ସୃଷ୍ଟି କରାଯାଇଛି। ଏହି ଆର୍ଥିକ ବର୍ଷରେ ମୋଟ ୨୫ଟି ପରିବାର ଶହେ ଦିନର କାର୍ଯ୍ୟ କରିଛନ୍ତି। ଅଣକୁଶଳୀ ଶ୍ରମିକ ବାବଦରେ ୪୧୩.୪୭ ଲକ୍ଷ, କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଖର୍ଚ୍ଚ ବାବଦ ୯୬.୧୩ ଲକ୍ଷ, ପ୍ରଶାସନିକ ଖର୍ଚ୍ଚ ବାବଦ ୩.୯୪ ଲକ୍ଷକୁ ମିଶାଇ ମୋଟ୍ ୫୩୧.୫୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଯୋଜନାରେ ବିଭିନ୍ନ ପଞ୍ଚାୟତ, ବ୍ଲକ ଓ ବିଭିନ୍ନ ବିଭାଗ ମାଧ୍ୟମରେ ଏଯାବତ ମୋଟ କାର୍ଯ୍ୟକାରୀ ହୋଇଥିବା ୨,୩୧୦ ପ୍ରକଳ୍ପ ମଧ୍ୟରୁ ୧୦୩୮ ପ୍ରକଳ୍ପର କାର୍ଯ୍ୟ ସମାପ୍ତ କରାଯାଇଛି ଓ ୧୨୭୨ଟି ପ୍ରକଳ୍ପର କାର୍ଯ୍ୟ ଚାଲୁଅଛି। କାର୍ଯ୍ୟକ୍ରମରେ ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ, ମନରେଗାର ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବିଳିଆରସିଂ, ବ୍ଲକ ସାମାଜିକ ସମୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବଳିଆରସିଂ ଓ ଏପିଓ ମିଟନ ମହାପାତ୍ରଙ୍କ ସମେତ ବ୍ଲକ କନିଷ୍ଠ ଯନ୍ତ୍ରୀ, ପିଇଓ, ଏଡିଇଓ, ମେଟ୍, ଜିଆରଏସ, ଜବ୍‌କାର୍ଡଧାରୀ, ଶ୍ରମିକ ନେତା ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଅଂଶଗ୍ରହଣ କରିଥିଲେ।

ଲଙ୍କାପୋଡ଼ି ଯାତ୍ରାର ନବମ ସନ୍ଧ୍ୟା

## ନାଗଫାଶ ବନ୍ଧନ, କୁମ୍ଭକର୍ଣ୍ଣ ବଧ

ଗଣିଆ,୧୮ ।୪(ସମିସ): ଗଣିଆ ଲଙ୍କାପୋଡ଼ି ଯାତ୍ରାର ନବମ ସନ୍ଧ୍ୟାରେ ରଘୁନାଥଜୀଉ ମନ୍ଦିର ସମ୍ମୁଖ ରଙ୍ଗମଞ୍ଚରେ ନାଗଫାଶ ବନ୍ଧନ, କୁମ୍ଭକର୍ଣ୍ଣ ବଧ ଏବଂ ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଛି। ନାଟକ ଆରମ୍ଭରେ ଅଙ୍ଗଦ ଚିଟାଉ ଓ ହନୁମାନ ଚିଟାଉ ଆରମ୍ଭ ହୋଇଥିଲା। ବାନର ସେନା ଏବଂ ଅସୁର ସେନା ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ରାବଣର ଅନେକ ଅସୁର ନିପାତ ହେବା ପରେ ରାବଣର ବୀରପୁତ୍ର ଇନ୍ଦ୍ରଜିତ ରାମ-ଲକ୍ଷ୍ମଣଙ୍କୁ ନାଗଫାଶ ବନ୍ଧନରେ ବାନ୍ଧି ପକାଇଥିଲା। ବିଭୀଷଣର ପରାମର୍ଶରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଗରୁଡ଼ଙ୍କୁ ସ୍ମରଣ କରିଥିଲେ। ଗରୁଡ଼ ପହଞ୍ଚିବା ପରେ ରାମ ଲକ୍ଷ୍ମଣ ବନ୍ଧନରୁ ମୁକ୍ତ ହୋଇଥିଲେ। ବନ୍ଧନରୁ ମୁକ୍ତ ହେବା ପରେ ରାବଣ କୁମ୍ଭକର୍ଣ୍ଣଙ୍କୁ ଡକାଇଥିଲା। ନିଦ୍ରାରେ ଥିବା କୁମ୍ଭକର୍ଣ୍ଣ ବହୁ କଷ୍ଟରେ ନିଦ୍ରା ଭଙ୍ଗ କରି ରାବଣଠାରୁ ଆର୍ଶୀବାଦ ଗ୍ରହଣ କରି ଯୁଦ୍ଧଭୂମିକୁ ଅସିଥିଲେ। ଘମାଘୋଟ ଯୁଦ୍ଧ ପରେ ରାମଙ୍କ ହାତରେ କୁମ୍ଭକର୍ଣ୍ଣ ମୃତ୍ୟୁବରଣ କରିଥିଲା। ପରେ ରାବଣର ପୁତ୍ର ମହାପରାକ୍ରମୀ ଇନ୍ଦ୍ରଜିତ ଯୁଦ୍ଧ କରିବାକୁ ଆଗେଇ ଆସିଥିଲା। ଇନ୍ଦ୍ରଜିତକୁ ପରାସ୍ତ କରିବା ସହଜ ନୁହେଁ ବୋଲି ବିଭୀଷଣ ଜଣାଇଥିଲେ। ଦୀର୍ଘ ୧୪ ବର୍ଷ କାଳ ଆହାର ଏବଂ ନିଦ୍ରା ପରିତ୍ୟାଗ କରିଥିବା ବ୍ୟକ୍ତି ହିଁ ଇନ୍ଦ୍ରଜିତକୁ ପରାସ୍ତ କରିପାରିବ ବୋଲି ସେ କହିବା ପରେ ଲକ୍ଷ୍ମଣ ହିଁ ଏକମାତ୍ର ବ୍ୟକ୍ତି ବୋଲି ଜଣାପଡ଼ିଥିଲା। ବଡ଼ଭାଇଙ୍କ ଆଦେଶରେ ଲକ୍ଷ୍ମଣ ଯୁଦ୍ଧକୁ ଓହ୍ଲାଇଥିଲେ। ଦୁଇ ବୀରଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ପରେ ଲକ୍ଷ୍ମଣଙ୍କ ବ୍ରହ୍ମ ଅସ୍ତ୍ରରେ ଇନ୍ଦ୍ରଜିତର ନିଧନ ହୋଇଥିଲା। ରବିବାର ଦଶମ ଦିବସରେ ମହୀରାବଣ ବଧ ମଞ୍ଚସ୍ଥ ହେବ ବୋଲି ଜଣାପଡ଼ିଛି।



